# ଭୁବନେଶ୍ୱର ଆଇଆଇଟି ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ

By Zilla Khabar June 7, 2021 10




ଜଟଣୀ,୭/୬(ଜିଲ୍ଲା ଖବର) : ଜଟଣୀ ଅରଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟି ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାର ଆଇଆଇଟି ପରିସରରେ ଚାରା ରୋପଣ କରିଥିଲେ। ଦେଶର ପରିବେଶକୁ ସନ୍ତୁଳିତ କରିବା ଲାଗି ଦେଶକୁ ପ୍ରଦୂଷଣ ମୁକ୍ତ ରଖିବା, ଉତ୍ତାପ ଓ ଅଙ୍ଗାରକାମ୍ଳ ହ୍ରାସ କରିବା, ସବୁଜ ବଳୟ ସୃଷ୍ଟି କରି ଯୁବପିଢ଼ିଙ୍କୁ ସୁସ୍ଥ ରଖିବା ନିମନ୍ତେ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଆଇଆଇଟି ପରିସରରେ ବିଭିନ୍ନ ବୃକ୍ଷର ଚାରା ରୋପଣ କରାଯାଇଥିଲା ଆଇଆଇଟିର ଡ଼ିନ୍ ଡଃ. ଶ୍ରୀନିବାସ ଭାସ୍କର କରାଙ୍କି, ମୁଖ୍ୟ ସୁରକ୍ଷାଧିକାରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀ, ଆଇଆଇଟିର ଅଧାପକ, କର୍ମଚାରୀ ଏବଂ ପରିବାର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ରିପୋର୍ଟ, ସଞ୍ଜୀବ କୁମାର ।

https://zillakhabar.com/31633/